# ମୋରମ ବୋଝେଇ ଡମ୍ପର ଜବତ

**ସୋର, ୧୧।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଉତ୍ତରେଶ୍ୱର ନିକଟରୁ ସୋର ପୁଲିସ ଏକ ବେଆଇନ ମୋରମ ବୋଝେଇ ଡମ୍ପରକୁ ଜବତ କରିଛି। ଏସଆଇ ସୂର୍ଯ୍ୟନାରାୟଣ ନାୟକ ବଉଲଗଡ଼ିଆରୁ ମୋରମ ବୋଝେଇ କରି ଆସୁଥିବା ଏକ ଡମ୍ପରର କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଡମ୍ପରରେ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ଜାଣିପାରି ଡମ୍ପରଟିକୁ ଜବତ କରି ଥାନାକୁ ଆଣିଥିଲେ। ଡ୍ରାଇଭର ସଜନାଗଡ଼ ଅଞ୍ଚଳର ନୀଳମାଧବ ସିଂକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ ହୋଇଛି।

# ମଦ କାରବାରରେ ୪ ଗିରଫ

**ସୋର, ୧୧।୧(ସମିସ):** ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀ, ବିଦେଶୀ ମଦ ଜବତ ହୋଇଛି। ୩ ଜଣ ଗିରଫ ହୋଇଛନ୍ତି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ମଧୁସୂଦନପୁର ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମରେ ଚଢ଼ଉ କରି ମହେନ୍ଦ୍ର ମଲିକ ନିକଟରୁ ୫.୮୫୦ ଲିଟର ବିୟର, ନହରପଦା ଗ୍ରାମରେ ଚଢ଼ଉ କରି କେଶବ ସିଂ ନିକଟରୁ ୧୫ ଲିଟର ଦେଶୀମଦ ଏବଂ ସେହି ଗ୍ରାମର ଶଙ୍କର ବେହେରା ନିକଟରୁ ୨୮ ଲିଟର ଦେଶୀମଦ ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ। ଏହି ଚଢ଼ଉରେ ଏଏସଆଇ ମିନତୀ ଜେନା, କନଷ୍ଟେବଲ ଶଶୀକାନ୍ତ ସାହୁ, ଗଣେଶ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପକ୍ଷେ ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ରାଧାବଲ୍ଲଭପୁର ଗ୍ରାମରେ ସୋର ପୁଲିସ ତରଫରୁ ଚଢ଼ଉ କରାଯାଇ ଦେଶୀମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ପୁଲିସ ଗ୍ରାମର ମୁକୁନ୍ଦ ବେହେରା ଘରେ ଚଢ଼ଉ କରି ୬୦ ଲିଟର ଦେଶୀମଦ ଜବତ କରିବା ସହ ତାକୁ ଗିରଫ କରିଛି।

# ୨୫ରେ 'ପ୍ରୟାସ-୨୦୨୪'

**ଜଳେଶ୍ୱର ବ୍ଲକ, ୧୧।୧(ସମିସ):** ଜଳେଶ୍ୱର ବ୍ଲକର ସେଖସରାଇରେ ଜାନୁଆରୀ ୨୫ରୁ 'ପ୍ରୟାସ-୨୦୨୪' ଆରମ୍ଭ ହେବାକୁ ଯାଉଛି। ମା' ବାସୁଳୀ କ୍ରିଡ଼ା ଓ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସେଖସରାଇ ଖେଳ ପଡ଼ିଆରେ ମହାଆଡମ୍ବରରେ ଏହା ଅନୁଷ୍ଠିତ ହେବ। ୪ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବରେ ସଙ୍ଗୀତ ପ୍ରତିଯୋଗିତା 'ସ୍ୱର ପ୍ରୟାସ', କୁଇଜ୍ ପ୍ରତିଯୋଗିତା 'ଜଳେଶ୍ୱର କୁଇଜ୍', କ୍ରୀଡ଼ା ପ୍ରତିଯୋଗିତା ଓ ଗୃହିଣୀ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଓ କ୍ରିକେଟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅନୁଷ୍ଠାନର ସଭାପତି ମାୟାଧର ଦାସ, ଦୀପକ ଦାସ, ହିମାଂଶୁ ମାହାନ୍ତ, ସୂର୍ଯ୍ୟକାନ୍ତ ସାହୁ, ଗୋପାଳ ସାହୁ, ନିରଞ୍ଜନ ତରାଇ, ଲବକୃଷ୍ଣ ନାୟକ, ସୀତାରାମ ଦାସ, ଅଭିମନ୍ୟୁ ସାହୁ, ମନୋଜ ଦାସ, ସୁଦର୍ଶନ ମାଇତି, ଦୁର୍ଗାପଦ ମାଇତି ପ୍ରମୁଖ ଏହା ଜଣାଇଛନ୍ତି।

# ଓମ୍‌ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ

**ସିମୁଳିଆ, ୧୧।୧(ସମିସ):** ପୁରୁଷୋତ୍ତମପୁର ପଞ୍ଚାୟତର ବାଲିଖଣ୍ଡଠାରେ ଥିବା ଓମସାଇ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ଗଙ୍ଗାଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟ ସାଇ ସଂଗଠନର ରାଜ୍ୟ ସମ୍ବଳ ଏବଂ ଅଭିଭାବକ ମୁଖ୍ୟ ହରିହର ପାଠୀ, ମୁଖ୍ୟ ବକ୍ତା ଭାବେ ବାଲିଖଣ୍ଡ ଯୁକ୍ତ ଦୁଇ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିରେନ୍ଦ୍ର ପରିଡ଼ା, ସମ୍ମାନୀତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବିଆରଟି ବିଶ୍ୱମ୍ବର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତାରିଣୀ ସେନ ବାରିକ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ସୀତାଂଶୁ ଶେଖର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧ୍ୟକ୍ଷ ରବୀନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ବୃଦ୍ଧ ନିଖୋଜ ନେଇ ଥାନାରେ ଅଭିଯୋଗ



**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୧।୧(ସମିସ):** ଜଳେଶ୍ୱର ଥାନା ଅଧୀନ ମ୍ୟୁନିସିପାଲଟର ଅଲାଲପୁର ଗ୍ରାମର ଶିବାଜୀ ଚରଣ ଦେ (୬୮) ଗତ ୪ ତାରିଖରୁ କେଉଁଆଡେ ଚାଲି ଯାଇଛନ୍ତି। ଏ ସମ୍ପର୍କରେ ପରିବାର ପକ୍ଷରୁ ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି।

# ଦୀନକୃଷ୍ଣ ଦାସ, ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୧।୧(ସମିସ):** ଜଳେଶ୍ୱର ମ୍ୟୁନିସିପାଲଟିର ପୂର୍ବ ବିଭାଗର ବଡବଜାର ଛକ ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ନୂଆବଜାରସ୍ଥିତ ଶିଶୁ ଉଦ୍ୟାନରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତିକୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଅନାବରଣ କରିଥିଲେ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଓ ସଂସ୍କୃତି ବିଭାଗ ସହକାରୀ ସଚିବ ମଧୁସୂଦନ ଦାସ ଏହି ଅନାବରଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ସଭାରେ ପୌରପାଳ ପ୍ରତୀପ ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତ ସେନାପତି, ପୌର ନିର୍ବାହୀ ଯନ୍ତ୍ରୀ ଅଜୟ ମହାପାତ୍ର ଓ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଯୋଗ ଦେଇଥିଲେ।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

# ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ ଉଦ୍‌ଘାଟିତ

**ବାଲେଶ୍ୱର, ୧୧।୧(ସମିସ):**




ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ -୨୦୨୪ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ପୁଲିସ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ଅଧ୍ୟତାରେ ଆୟୋଜିତ ଏହି ମହୋତ୍ସବର ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱନୀ ପାତ୍ର ଯୋଗ ଦେଇଥିଲେ। ସଦର ବିଧାୟକ ସ୍ୱରୂପ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, କୃଷି ଅଧୀକ୍ଷଣ ଯନ୍ତ୍ରୀ ଜଗବନ୍ଧୁ ରାଉତ ଓ ଏଡ଼ିଏମ (ରାଜସ୍ୱ) ପ୍ରିୟ ଦର୍ଶନୀ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ହୋଇ ନିଜନିଜର ବକ୍ତବ୍ୟ ରଖିଥିଲେ।

ତେବେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ ଜିଲ୍ଲାର କୃଷି ଓ କୃଷକଙ୍କ ସମସ୍ୟା ଉପରେ କହିବା ସହ ଜିଲ୍ଲାର କୃଷକମାନଙ୍କ କୃଷି ଦକ୍ଷତା ଉପରେ ଆଲୋକପାତ କରିଥିଲେ।

ରେମୁଣା ବିଧାୟକ ଶ୍ରୀ ପରିଡ଼ା ନିଜ ବକ୍ତବ୍ୟରେ ଏହି କୋଶମ୍ବ ମହୋତ୍ସବ, ବାଲେଶ୍ୱରର ବିକାଶ ଗାଥା ବହନ କରିବା ସହିତ ଜିଲ୍ଲାର କଳା ଓ ସଂସ୍କୃତିକୁ ଏହି ମହୋତ୍ସବ ଉଜ୍ଜୀବିତ କରୁଛି ବୋଲି କହିଥିଲେ।

ବାଲେଶ୍ୱର ସଦର ବଧାୟକ ସ୍ୱରୂପ ଦାସ ନିଜ ବକ୍ତବ୍ୟରେ ବାଲେଶ୍ୱର ଏକ ଐତିହାସିକ ଜିଲ୍ଲା। ଏହା କୃଷି ପ୍ରଧାନ ଜିଲ୍ଲା ଭାବେ ରାଜ୍ୟରେ ଅନ୍ୟତମ। ଏଠାରେ ୭୦ ପ୍ରତିଶତ ଲୋକେ କୃଷି ଉପରେ ନିର୍ଭର କରନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆଜିଠାରୁ ଆଗାମୀ ୫ ଦିନ ଧରି ଏହି କୋଶମ୍ବ ମହୋତ୍ସବ ଚାଲିବା ସହିତ ବାଲେଶ୍ୱରର ବିକାଶର ବାର୍ତ୍ତା ବହନ କରିବ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ।

ସୂଚନାଯୋଗ୍ୟ, ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାର ସମନ୍ୱୟରେ ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ ଆୟୋଜିତ ହେଉଛି। ଏହି ମହୋତ୍ସବରେ ୩ ଶହ ଷ୍ଟଲ ଖୋଲଇଛି। ଦିଆଯାଇ ତନ୍ମଧ୍ୟରୁ କୃଷି ଭିତ୍ତିକ ୧୦୦ ଷ୍ଟଲ ରହିଛି।

# ସାଇ ବିନାୟକ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋର, ୧୧।୧(ସମିସ):** ସୋର ବ୍ଲକ ସରଶଙ୍ଗ ପଞ୍ଚାୟତ ସାଇ ବିନାୟକ ଆବାସିକ ବିଦ୍ୟାଳୟର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ସତିକାନ୍ତ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସହିଦ ମେମୋରିଆଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭୋଳାନାଥ ବାରିକ୍ ଯୋଗଦେଇ ବଡ଼ ଚାକିରି କରି ଅଧିକ ରୋଜଗାର କରିବା ଅପେକ୍ଷା ଭଲ ମଣିଷ ହେବା ଜରୁରୀ ବୋଲି କହିଥିଲେ। ଏହି ଉତ୍ସବରେ ମୁଖବକ୍ତା ଭାବେ ପ୍ରବଚକ ଅବସାପାପ୍ତ ପ୍ରାଧାପକ ଗୋପାଳ ପ୍ରସାଦ ବେଜ ଜୀବନର ମୂଲ୍ୟବୋଧ ଉପରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ପାତ୍ର ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ପ୍ରସାଦ ସାହୁ ଏବଂ ଦେବେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ବାରିକ ବିବରଣୀପାଠ କରିଥିବା ବେଳେ ରବୀନ୍ଦ୍ର ବାରିକ୍ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ଅନନ୍ତ ବାରିକଙ୍କ ରଚିତ ଓ ନିର୍ଦ୍ଦେଶିତ 'ଦଇବ ଦଉଡ଼ି' ନାଟକ ମଞ୍ଚସ୍ଥ କରିଥିଲା। ଲମ୍ବୋଦର ମିଶ୍ର ଓ ମହେଶ୍ୱର ପଣ୍ଡା ସଙ୍ଗୀତ ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ପଦ୍ମଲୋଚନ ଖିଲାର, ଜଗଦୀଶ ଚନ୍ଦ୍ର ବାରିକ, ରୂପାଲି ରାଉତ ଓ ଜ୍ୟୋତ୍ସ୍ନାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲେଶ୍ୱର ଜିଲ୍ଲା କବାଡି ପ୍ରତିଯୋଗୀତା ଉଦ୍‌ଘାଟିତ



**ବାଲେଶ୍ୱର, ୧୧।୧ (ସମିସ) :** ଜିଲ୍ଲା କ୍ରୀଡାସଂଘ ଆନୁକୂଲ୍ୟରେ ବାର୍ଷିକ କବାଡି ପ୍ରତିଯୋଗିତା ସ୍ଥାନୀୟ ପରମିଟ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଉପସଭାପତି ସନ୍ତୋଷ ଦାସ ଏହି ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। କ୍ରୀଡା ସଂଘ ଉପସଭାପତି ଜଗଦୀଶ ଚନ୍ଦ୍ର ବେହେରା ପୌରୋହିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅମର ମହାନ୍ତି, ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତରାୟ, ଜନ୍ମଜୟ ଦେ, ସଞ୍ଜୟ ଲେଙ୍କା, ଅଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିରେନ୍ଦ୍ର ସ୍ୱାଇଁ କବାଡି ଖେଳ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। କାର୍ତ୍ତିକ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬ଟି ମହିଳା ଓ ୧୨ଟି ପୁରୁଷ ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚରେ ପୁରୁଷ ବିଭାଗରେ ବାଲେଶ୍ୱର ୟୁଥ ଏ, ବାଲିଆପାଳର ଏସଆର କ୍ଲବ, ପରିଖିର ସେଭେନ ଷ୍ଟାର କ୍ଲବ ଓ ମହିଳା ବିଭାଗରେ ବାଲେଶ୍ୱର ୟୁଥ ଏ ସେମିଫାଇନଲକୁ ଉତ୍ତୀର୍ଣ୍ଣ ହୋଇଥିବା କ୍ରୀଡା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# କୁକୁର ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଚୌକି, ୧୧।୧(ସମିସ):** ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଭୋଗରାଇ ବ୍ଲକର ଅନନ୍ତପୁର ଛକରେ ଗୁରୁବାର ଦୁର୍ଘଟଣା ଘଟି ଜଣେ ଆହତ ହୋଇଛନ୍ତି। ଜଳସହରିଆ ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର କାହ୍ନୁଚରଣ ସାହୁ (୪୫) ଗୁରୁତର ଆହତ ହୋଇଛନ୍ତି। ସେ ତାଙ୍କ କୁନି ଝିଅକୁ ଚିକିତ୍ସା ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବାଇକ୍ ଯୋଗେ ଫେରିବାବେଳେ ଅନନ୍ତପୁର ଛକଠାରେ ଏକ କୁକୁର ବାଇକ୍ ଆଗକୁ ହଠାତ ଆସିବା ଫଳରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ।

# ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

**ରୂପସା, ୧୧।୧(ସମିସ):** ରୂପସା ଥାନା ମିର୍ଗିମୁଣ୍ଡି ଗ୍ରାମର ଜଣେ ବୃଦ୍ଧାଙ୍କ ସଲୀଳ ସମାଧି ଘଟିଛି। ମୃତ୍ୟୁ ଘଟିଥିବା ଏହି ମହିଳା ଜଣକ ହେଲେ ଗାଁର ମଣି ରାଉଳ (୮୮)। ସେ ସ୍ଥାନୀୟ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ଗଭୀର ପାଣି ଭିତରେ ବୁଡ଼ି ଯାଇଥିଲେ। ତାଙ୍କୁ ପାଣିରୁ ଉଦ୍ଧାର କରି ବସ୍ତା ଡାକ୍ତର ଖାନା ନିଆଯାଇଥିଲା; ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।




ବାଲେଶ୍ୱର ଜିଲ୍ଲା ସୋର ଓ ଖଇରା ଥାନା ଅଞ୍ଚଳରୁ ଗୋଟିଏ ରାତିରେ ୨ଟି ଏଟିଏମରୁ ଲୁଟ୍‌ରେ ଦୁର୍ବୃତ୍ତ ବ୍ୟବହାର କରିଥିବା କାର୍।

# କାଠ ସହ ପିକ୍‌ଅପ୍ ଜବତ



**ଔପଦା, ୧୧।୧(ସମିସ):** ଔପଦା ଥାନା ଅଧୀନ ଦୁର୍ଗାପୁର ଛକରେ ଏକ କାଠ ବୋଝେଇ ପିକଅପକୁ ପୁଲିସ ଜବତ କରିବା ସହ ଡ୍ରାଇଭରକୁ ଅଟକ କରି ବନ ବିଭାଗକୁ ହସ୍ତାନ୍ତର କରିଛି। ଦୁର୍ଗାପୁର ଛକରୁ ଓଡି୦୧ଏଏଲ ୬୦୩୨ ପିକଅପରେ ୫ଟି ଗଣ୍ଡି ନେଇ ମାଣିତ୍ରୀ ଅଞ୍ଚଳର ଡ୍ରାଇଭର ସଞ୍ଜୟ ରାଉତ ଔପଦା ଆଡକୁ ଆସୁଥିବା ବେଳେ ଔପଦା ଥାନା ଆଇଆଇସି ଶ୍ରବଣ ମହରଣା ଧରି ଔପଦା ରେଞ୍ଜର ମନୋରଞ୍ଜନ ନାୟକଙ୍କ ଜିମା ଦେଇଥିଲେ।

# 'ଛାତ୍ରଛାତ୍ରୀ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥାନ୍ତି'



**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୧।୧(ସମିସ):** ଜଳେଶ୍ୱର ପୁରୁଣା କୋର୍ଟବଜାରସ୍ଥିତ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦାତା ସ୍ୱର୍ଗତ ଡା. ଅତୁଲ ଚନ୍ଦ୍ର ପାତ୍ରଙ୍କ ୧୦୨ତମ ଜୟନ୍ତୀ ଓ ନୂଆ-ଓ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ବାର୍ଷିକ ପୁରସ୍କାର ବିତରଣ ସଭାରେ ଅଧ୍ୟକ୍ଷା ମାମୀରାଣୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ନୂଆ-ଓର ନୋଡାଲ ଅଫିସର ଡ. ନୀଳକଣ୍ଠ ଖଣ୍ଡା ମ୍ଚ ସଞ୍ଚାଳନା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱନୀ ପାତ୍ର ଯୋଗ ଦେଇ ଆଦର୍ଶ ଛାତ୍ରଛାତ୍ରୀ ବିଦ୍ୟାଳୟର ଗୌରବ ବୃଦ୍ଧି କରିଥାନ୍ତି ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ ଯୋଗ ଦେଇ ଦେଶର ବିକାଶରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ମୁଖ୍ୟମନ୍ତ୍ରୀ ଯୁବପିଢୀଙ୍କ ବିକାଶ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ, ପ୍ରାକ୍ତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, ରବିତା ପାତ୍ର ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଞ୍ଜଳି ଚକ୍ରବର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ୟାମସୁନ୍ଦରପୁର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପଞ୍ଚଲିଙ୍ଗେଶ୍ୱର, ୧୧।୧(ସମିସ):** ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମରେ ଥିବା ବାରଣାପଦା ପଡ଼ିଆରେ ଶ୍ୟାମସୁନ୍ଦରପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଶ୍ୟାମସୁନ୍ଦରପୁର କ୍ରିକେଟ ଟିମ୍ ୧୨ ଓଭର ବିଶିଷ୍ଟ ମ୍ୟାଚ ଖେଳି ନିର୍ଦ୍ଧାରିତ ୧୨୬ ରନ୍ କରିଥିଲା। ପଞ୍ଚଲିଙ୍ଗେଶ୍ୱର କ୍ରିକେଟ ଟିମ ୧୨୬ ରନ୍‌କୁ ଲକ୍ଷ୍ୟ ରଖି ଜିତିବା ଆଶା ନେଇ ସେମାନେ ୧୨୬ରନ କରିବାରେ ବିଫଳ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନୀଳଗିରିର ବିଜେଡି ନେତା ସନ୍ତୋଷ ଖଟୁଆ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ବିଜେଡି ପଞ୍ଚାୟତ ସଭାପତି କପିଳ ସାମଲ, ଯୁବ ସଭାପତି ବାପୁ ଗୋସ୍ୱାମୀ, ମିଡ଼ିଆ ସଂଯୋଜକ ବିମଳ ଦଳେଇ, ବରିଷ୍ଠ ବେଜେଡି ନେତା ବାବୁଲି ବାରିକ ପ୍ରମୁଖ ଯୋଗ ଦେଇଥିଲେ।

ଦ୍ୱାଦଶାହ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପାର୍ବତୀ ଦାଶ
ଆବିର୍ଭାବ: ୦୧.୦୧.୧୯୨୫
ତିରୋଧାନ: ୦୧.୦୧.୨୦୨୪
ନନ୍ଦକିଶୋରପୁର, ଯାଜପୁର
ହେ ପୁଣ୍ୟାତ୍ମା ଚାହୁଁ ଚାହୁଁ ବାରଦିନ ବିତିଗଲା କିନ୍ତୁ ଆପଣଙ୍କ ଅନୁପସ୍ଥିତି ସବୁ ସମୟରେ ଅନୁଭବ କରୁଛୁ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ପୁତ୍ର- ନିଳକଣ୍ଠ ଦାଶ, ବୋହୂ- ଅନ୍ନପୂର୍ଣ୍ଣା, ନାତି- ଇଂ ବିଶ୍ୱନାଥ, ଇଂ ଅନ୍ତର୍ଯ୍ୟାମୀ, ନାତୁଣୀ ବୋହୂ- ବବଲି, କୁନି, ନାତୁଣୀ- ଅଞ୍ଜଳି, ନାତୁଣୀ ଜୋଇଁ- ପ୍ରଦୀପ୍ତ ତ୍ରିପାଠୀ, ପଣ ନାତି- ଶ୍ରେୟାଂଶୁ, ଆଦିତ୍ୟ ନାରାୟଣ, ପଣ ନାତୁଣୀ- ନିରୋଷା, ତ୍ରିଶିକା, ଝିଅ- ଶାନ୍ତିଲତା, ନାତି - ଆଶୁତୋଷ, ଚିତ୍ତରଞ୍ଜନ, ଜ୍ୟୋତିରଞ୍ଜନ, ନାତୁଣୀ ବୋହୂ- ସୁଚି, ବବିନା, ମାମାଲି

୨୫ ତମ ଶ୍ରାଦ୍ଧବାର୍ଷିକୀ



ଆବିର୍ଭାବ ୨୩.୧୦.୧୯୪୧
ତିରୋଧାନ ୧୮.୧୨.୧୯୯୮
✓ ଶଶୀଭୂଷଣ ମହାପାତ୍ର
ବୀରନରସିଂହପୁର, ପୁରୀ
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ୨୫ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ
ପତ୍ନୀ - ସୁପ୍ରଭା, ଶୁଭେନ୍ଦୁ ଓ ସସ୍ମିତା, ସ୍ମିତା ଓ ମନୋଜ, ସ୍ନିଗ୍ଧା ଓ ଅନୁପ, ସ୍ୱପ୍ନା ଓ ଅଶୋକ, ନେହା, ଶୁଭମ୍, ହାନା, ନିଶି, ଗୁନ୍‌ଗୁନ୍, ଆୟୁଷ, ନିଧି, ଅଭିଷେକ, କିନୋ, ବନ୍ଧୁ ଓ ପରିବାରବର୍ଗ
ପ୍ଲଟ୍ ନଂ-ପିପି-୪୬, ପାଣ୍ଡବ ନଗର, ଭୁବନେଶ୍ୱର

## ଦାବି ପୂରଣ ନେଇ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆଶାପ୍ରକଟ



**ବାଲେଶ୍ୱର, ୧୧।୧(ସମିସ):** ସହରସ୍ଥିତ ମିଶନ ପଡ଼ିଆରେ ଆଉଟସୋର୍ସିଂ କର୍ମଚାରୀଙ୍କ ତରଫରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସାନୁ ଶାସମଲ ଉଦ୍‌ବୋଧନରେ କହିଛନ୍ତି ଯେ, ମମତା ଯୋଜନାଠାରୁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟକୁ ସୂଚାରୁରୂପେ ଆଉଟସୋର୍ସିଂ କର୍ମଚାରୀ ତୁଲାଉଛନ୍ତି। ମହଙ୍ଗା ବଜାର ଦରକୁ ସ୍ୱଳ୍ପ ବେତନରେ ପରିବାର ପୋଷଣ କରିବା କଷ୍ଟଦାୟକ। ପୂର୍ବରୁ ୧୦ ଦଫା ଦାବି ବିଷୟରେ ସରକାରଙ୍କୁ ଅବଗତ କରାଯାଇଥିଲା। ଗତ ଅଗଷ୍ଟ ପହିଲାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସହ ମହାସଂଘର ପ୍ରତିନିଧିମାନଙ୍କ ବୈଠକ ବସିଥିଲା। ରାଜ୍ୟ ସରକାର ନିଶ୍ଚିତ ଭାବେ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେଣୁ ନୂଆବର୍ଷରେ ରାଜ୍ୟ ସରକାର ଦାବି ପୂରଣ କରିବେ ବୋଲି ଆଉଟସୋର୍ସିଂ କର୍ମଚାରୀମାନେ ଆଶାବାଦୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆଉଟସୋର୍ସିଂ କର୍ମଚାରୀଙ୍କ ଚାକିରି ନିରାପତ୍ତା, ପୂର୍ଣ୍ଣ ବେତନ, ଛୋଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ବିଭିନ୍ନ ସମସ୍ୟା ସମାଧାନ କରି ଅବିଳମ୍ବେ ଘୋଷଣା କରିବା ପାଇଁ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ବେହେରା ନିବେଦନ କରିଛନ୍ତି। ଏହି ସଭାରେ ଜିଲ୍ଲା ସଭାପତି ମନୋଜ ରାଉତ ସହ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ଆଉଟସୋର୍ସିଂ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଦିନେ ଦାଦନ ଯାଇଥିଲେ; ଆଜି ମାଲିକ

- ଚର୍ଚ୍ଚାରେ ବଳରାମ, ତ୍ରିଲୋଚନ ଓ ପ୍ରସନ୍ନଙ୍କ ପ୍ରେରଣାଦାୟୀ କାହାଣୀ
- ପାର୍ଟନରସିପ୍‌ରେ ତିନି ଭାଇ ଖୋଲିଛନ୍ତି ନବଦୁର୍ଗା ରୁଟି ସପ୍
- ମେସିନ୍‌ରେ ପ୍ରସ୍ତୁତ ହେଉଛି ରୁଟି
- ଦିନକୁ ୧୨୦୦ ରୁଟି ପ୍ରସ୍ତୁତ
- ବଜାରର ସବୁଠୁ କମ୍ ଦର
- ରୁଟି ଗୋଟାକୁ ୩ ଟଙ୍କା





**ବାଲେଶ୍ୱର, ୧୧।୧(ସମିସ):**

କେରଳରେ ଦାଦନ ଖଟିବା ଛାଡ଼ି ବାଲେଶ୍ୱରରେ ଖୋଲିଲେ ନିଜସ୍ୱ ରୁଟି ସପ୍। ପ୍ରାୟ ଏକ ବର୍ଷ ହେବ ରୁଟି ସପ୍ ଖୋଲି ବେଶ୍ କିଛି ଟଙ୍କା ରୋଜଗାର କରୁଛନ୍ତି ତିନି ଭାଇ। ସପ୍‌ରେ ରୁଟି ତିଆରି ମେସିନ୍ ପକାଇ ନିଜେ ମାଲିକ ଭାବେ ସପ୍ ଚଳାଉଛନ୍ତି। ଏହା ଏବେ ଅନ୍ୟମାନଙ୍କ ପାଇଁ ବେଶ୍ ପ୍ରେରଣା ପାଲଟିଛି। ସେମାନେ ହେଉଛନ୍ତି ସଦର ବ୍ଲକ କଷାଫଳ ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପୁଅ ପ୍ରସନ୍ନ ବେହେରା ଓ ତ୍ରିଲୋଚନ ବେହେରା ଏବଂ ସ୍ୱର୍ଗତ ବିନୋଦ ବେହେରାଙ୍କ ପୁଅ ବଳରାମ ବେହେରା।

କେରଳରୁ ଫେରିବା ପରେ ତିନି ଭାଇ ଏକାଠି ହୋଇ ବାଲେଶ୍ୱର ସହର ଅରଡ ବଜାର ଦଣ୍ଡକାଳୀ ମନ୍ଦିର ସାମ୍ନାରେ ନବଦୁର୍ଗା ରୁଟି ସପ୍ ନାମରେ ଏକ ଦୋକାନ ଖୋଲିଛନ୍ତି। ବଳରାମ, ତ୍ରିଲୋଚନ ଓ ପ୍ରସନ୍ନଙ୍କ ପ୍ରେରଣାଦାୟୀ କାହାଣୀ ଏବେ ବେଶ୍ ଚର୍ଚ୍ଚାରେ। ତେବେ ପାର୍ଟନରସିପ୍‌ରେ ତିନି ଭାଇ ଏହି ରୁଟି ସପ୍ ଚଳାଉଛନ୍ତି; ଯେଉଁଠି ବଜାରର ସବୁଠୁ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ ରୁଟି ମିଳୁଛି। ଏମାନେ ୧୨ ବର୍ଷ ଧରି କେରଳର ଏକ ରୁଟି କାରଖାନାରେ କାମ କରୁଥିଲେ; ମାତ୍ର କରୋନା ସମୟରେ ବାଧା ସୃଷ୍ଟି ହୋଇଥିଲା। ଏଥିସହିତ ପ୍ରସନ୍ନ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ। ପରେ ୩ ଭାଇ ଘରକୁ ଫେରି ଆସିଥିଲେ। କରୋନା ଥମିବା ପରେ କ'ଣ କରିବେ ଭାବି ୩ ଭାଇ ମିଶି ରୁଟି ତିଆରି ମେସିନ୍ ଆଣିଥିଲେ। ଅରଡ ବଜାରରେ ଏକ ଭଡ଼ା ଘରେ ରୁଟି ତିଆରି କରି ବିକ୍ରି ଆରମ୍ଭ କରିଥିଲେ। ମେସିନ୍ ସାହାଯ୍ୟରେ ତିନି ଭାଇ ଦିନକୁ ୧୦୦୦ ରୁ ୧୨୦୦ ରୁଟି ତିଆରି କରୁଛନ୍ତି। ବାଲେଶ୍ୱର ବଜାରର ସବୁଠୁ କମ୍ ଦର ରହିଛି ଏହି ରୁଟି। ରୁଟି ଗୋଟିକୁ ୩ ଟଙ୍କାରେ ବିକ୍ରି କରୁଛନ୍ତି। ତେବେ ଏହି ରୁଟି ସପ୍‌ରୁ ଘରୁଆ ଭାବେ ଅନେକ ଲୋକ ରୁଟି କିଣି ଖାଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୫ରୁ ରାତି ୧୦ ପର୍ଯ୍ୟନ୍ତ ଏହି ରୁଟି ସପ୍ ଖୋଲା ରହିଥାଏ। ବର୍ଷେ ମଧ୍ୟରେ ବେଶ୍ ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ୩୦/୪୦ କିଲୋ ଅଟାରୁ ରୁଟି ତିଆରି ହେଉଛି। ମେସିନ୍‌ରେ ଅଟା ଦେଲେ ତାହା ଗୋଳାଇବା ପରେ ଗୋଲ କରି ବେଲି ସେକିକି ବାହାରି ଆସୁଛି। ଘଣ୍ଟାଏ ଭିତରେ ୫୦୦/୬୦୦ ରୁଟି ତିଆରି ହୋଇ ବାହାରୁଛି।

# ୭୬ ବର୍ଷ ପରେ ନୀଳଗିରିରୁ ଗଡ଼ିବ ଟ୍ରେନ୍



**ବାଲେଶ୍ୱର, ୧୧।୧(ସମିସ):** ଦେଶ ସ୍ୱାଧୀନ ହେବାର ୭ ଦଶନ୍ଧି ପରେ ବାଲେଶ୍ୱର ଜିଲ୍ଲା ନୀଳଗିରିବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଦିନକ ପରେ ନୀଳଗିରିକୁ ପ୍ରଥମ ଯାତ୍ରୀବାହୀ ଟ୍ରେନ ଗଡ଼ିବ। ବିଶେଷ କରି ପ୍ରଥମ ପର୍ଯ୍ୟାୟର ଦିନକୁ ତିନିଥର ନୀଳଗିରି ଗୋପିନାଥପୁରରୁ ବାଲେଶ୍ୱର ମଧ୍ୟରେ ଟ୍ରେନ୍ ଯାତାୟତ କରିବ। ପରବର୍ତ୍ତୀ ସମୟରେ ହାଓଡ଼ା ଏବଂ ଭୁବନେଶ୍ୱର, ପୁରୀ ପାଇଁ ବ୍ୟବସ୍ଥା କରାଯିବ। ଏହା ଦ୍ୱାରା ଲୋକେ ସ୍ୱଳ୍ପ ଖର୍ଚ୍ଚରେ ଯିବା ଆସିବା ପାରିବେ। ୧୩ ତାରିଖ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଲେଶ୍ୱର ଗସ୍ତରେ ଆସି ନୀଳଗିରି ଗୋପୀନାଥପୁର ରେଳ ଷ୍ଟେସନର ଉଦ୍‌ଘାଟନ କରିବେ। ଏଥି ସହିତ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଷ୍ଟେସନରେ ଏକ 'ସବ ୱେ'ର ମଧ୍ୟ ଶିଳାନ୍ୟାସ କରିବେ। ସ୍ଥାନୀୟ ସର୍କିଟ ହାଉସଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବଙ୍କ ଗସ୍ତ କାର୍ଯ୍ୟକ୍ରମ ଉପରେ ଏହି ସୂଚନା ଦେଇଛନ୍ତି। ଶେରଗଡ଼ ନୀଳଗିରି ଝରଣାଘାଟି ରାସ୍ତାକୁ ୪ଲେନ ବିଶିଷ୍ଟ ରାସ୍ତା କରିବା ପାଇଁ କେନ୍ଦ୍ର ସଡ଼କ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଅନୁମୋଦନ କ୍ରମେ ୧୨୫କୋଟି ଟଙ୍କା ମଞ୍ଜୁର କରାଯାଇ ଶିଳାନ୍ୟାସ କରାଯିବା ସହ ଏହାର କାର୍ଯ୍ୟ ମଧ୍ୟ ଚାଲୁ ରହିଛି ବୋଲି ସେ କହିଛନ୍ତି। ଏହାସହ ବାଲେଶ୍ୱର ରେଳଷ୍ଟେସନକୁ ଅତ୍ୟାଧୁନିକ ରେଳ ଷ୍ଟେସନ କରିବା ପାଇଁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅନୁମୋଦନ କ୍ରମେ ୩୦୦କୋଟିରୁ ଅଧିକ ଟଙ୍କା ବ୍ୟବସ୍ଥା କରାଯାଇ କାମ ଆରମ୍ଭ ହୋଇଛି। ଏହା ସହିତ ବାଲେଶ୍ୱର ରେଳ ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ଦୁଇଟି ଲିଫ୍ଟ ଲାଗିବା ସହିତ ବୟସ୍କ ନାଗରିକଙ୍କ ପାଇଁ ବିଭିନ୍ନ ସୁବିଧା କରାଯାଉଛି ବୋଲି କହିଛନ୍ତି। ବାଲେଶ୍ୱର ଜିଲ୍ଲା ପାଇଁ ବହୁ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି ବୋଲି ସେ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବଡ଼ସାହି ବିଧାୟକ ସନାତନ ବିଜୁଳି ପ୍ରମୁଖ ଉପସ୍ଥିତ ଥିଲେ।

## ଗିରିଶ ଦାସ ଜଗତସିଂପୁର ଜିଲ୍ଲା ପର୍ଯ୍ୟବେକ୍ଷକ



**ବାଲେଶ୍ୱର, ୧୧।୧(ସମିସ):** ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶଚନ୍ଦ୍ର ଦାସଙ୍କୁ ଜଗତସିଂପୁର ଜିଲ୍ଲା ପାଇଁ ବିଜେଡି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ସେ ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ପ୍ରଦାନ କରିଛନ୍ତି। ସରକାରୀ ଚାକିରି ଛାଡି ଶ୍ରୀ ଦାସ ଦୀର୍ଘ ୪୫ବର୍ଷ ଧରି ରାଜନୀତିରେ ରହିଛନ୍ତି। ୱାର୍ଡମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ସହ ବାଲେଶ୍ୱର ଭଦ୍ରକ ସମବାୟ ସଂସ୍ଥାର ନିର୍ଦ୍ଦେଶକ ଓ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ଏଣୁ ତାଙ୍କ ଉପରେ ଭରସା ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ କୃତଜ୍ଞତା ପ୍ରଦାନ କରିଛନ୍ତି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍ଦେଶ୍ୟରେ ଅର୍ପଣ କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୧।୧(ସମିସ):** ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପରେ ଲୋକାର୍ପଣ ଉତ୍ସବକୁ ଲୋକାଭିମୁଖୀ ପାଇଁ ସମଗ୍ର ରାଜ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରୁଛି। ଶ୍ରଦ୍ଧାଳୁଙ୍କ ନିକଟରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଛି। ଏହି କ୍ରମରେ ରେମୁଣା ବ୍ଲକର କରଞ୍ଜିଆ ପଞ୍ଚାୟତର ସ୍ୟାଣ୍ଡସିଟି କଲୋନୀରେ ଏମକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱବ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଆଲୋକ ସାହୁ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତ୍ୟେକ ଓଡିଆଙ୍କ ପ୍ରାଣର କେନ୍ଦ୍ରବିନ୍ଦୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କର୍ମରେ ସମସ୍ତଙ୍କୁ ସାମିଲ ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଏହି ଅଭିଯାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହନୀୟତାର ପରିଚୟ ଦେଉଛି ବୋଲି ଶ୍ରୀ ସାହୁ କହିଥିଲେ। ଆସନ୍ତା୧୭ ତାରିଖ ଦିନ ଶ୍ରଦ୍ଧାପୂର୍ବକ ମହାପ୍ରଭୁଙ୍କୁ ଉଦ୍ଦେଶ୍ୟରେ ସମର୍ପଣର ଭାବ ନେଇ ପରିକ୍ରମା ପ୍ରକଳ୍ପରେ ଲୋକାର୍ପଣ ଉତ୍ସବକୁ ପାଳନ ପାଇଁ ଶ୍ରୀ ସାହୁ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବାସିନ୍ଦାମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ, ଗୁଆ ଓ ପଇସା ଆଦି ଦେଇଥିଲେ। ଉପସ୍ଥିତ ଶ୍ରଦ୍ଧାଳୁଙ୍କ ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମକୁ ବଂଶୀଧର ଦଳେଇ ପରିଚାଳନା କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଅର୍ପଣ ରଥ ବୁଲୁଥିବା ବେଳେ ସ୍ଥାନୀୟ କାଶିମାବାଦ, ମେଣ୍ଢାଶୋଳ, କରଞ୍ଜିଆ, ଫକୀର ମୋହନ ନଗର, ସତ୍ୟନଗର ଆଦି ବାଲେଶ୍ୱର ସହର ଉପକଣ୍ଠ ଅଞ୍ଚଳବାସୀଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଜୟ ଜଗନ୍ନାଥ ଅର୍ପଣ ରଥର ପରିକ୍ରମା



**ବାଲେଶ୍ୱର, ୧୧।୧(ସମିସ):** ବାଲେଶ୍ୱର ପୌରପାଳିକାର ୧୨ ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ପୌର ପାଳିକା କାର୍ଯ୍ୟାଳୟରେ ନଡ଼ିଆ ଭାଙ୍ଗି ପୂଜା ଅର୍ଚ୍ଚନା କରିବା ପରେ ରଥ ନଗର ପରିକ୍ରମା କରି ଝାଡେଶ୍ୱର ମନ୍ଦିରରେ ପହଞ୍ଚିଥିଲା। ସେଠାରେ ପୂଜା ଅର୍ଚ୍ଚନା କରାଯାଇ ପୁଣି ୧୨ ନମ୍ବର ୱାର୍ଡରେ ପହଞ୍ଚି ଥିଲା। ୱାର୍ଡର ମହିଳାମାନେ ଅରୁଆ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। କାଉନସିଲର ଅନିନ୍ଦ୍ୟ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, ସମସ୍ତ କାଉନସିଲର, ଆଶ୍ରିତା ତରେଇ, ମିନତୀ ସେଠଙ୍କ ସମେତ ଗ୍ରାମର ବହୁ ମହିଳା ସାମିଲ ହୋଇଥିଲେ।

## ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ



**ବାଲେଶ୍ୱର, ୧୧।୧(ସମିସ):** ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବର୍ଷ ୨୦୨୨- ୨୩ ସରକାରୀ ବୃତ୍ତିରେ ବିଦ୍ୟାଳୟର ୩ୟ ଶ୍ରେଣୀର ଭାଗ୍ୟ ଲକ୍ଷ୍ମୀ ରାଉତ, ଦୀପଙ୍କର ଜେନା, ହିମାଂଶୁ ଶେଖର ବେହେରା ଓ ୫ମ ଶ୍ରେଣୀରେ ରାଜଲକ୍ଷ୍ମୀ ତାଲଦୀ, ବିବ୍ୟାଶା ପଣ୍ଡା, ଅର୍ପଣ ପତି କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ଉତ୍ସବରେ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପ୍ରଧାନ ଆଚାର୍ଯ୍ୟ ପୁରଜିତ ମୁନି, ବିଦ୍ୟାଳୟର ସଭାପତି ଭବେନ୍ଦ୍ର ରାଉତ ଓ ଅନ୍ୟ ଗୁରୁଜୀମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଶୋଭାରାମପୁର ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୧୧।୧(ସମିସ):** ଶୋଭାରାମପୁର ସରକାରୀ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବାଲେଶ୍ୱର ମୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁ, କାଉନସିଲର ନିରୂପମା ଦାଶ, ପୂର୍ବତନ କାଉନସିଲର କୈଳାସ ବିହାରୀ ଦାଶ, ରେମୁଣା ବ୍ଲକର ବିଆରସିସି ଶୈଳବାଳା ବେହେରା, ଶିକ୍ଷକ ଅମର ପଣ୍ଡା, ମନୋରଞ୍ଜନ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉଷାରାଣୀ ସାହୁ ସଭାରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଅରୁନ୍ଧତୀ ରାଉତ ଅତିଥି ପରିଚୟ ଦେଇଥିଲେ। ପ୍ରଭାତୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସସ୍ମିତା ନାୟକ, ସୁସ୍ମିତା ରାଉତ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଅନସୂୟା ସାମନ୍ତ, ଜୟଶ୍ରୀ ମହାନ୍ତି, ସୁକାନ୍ତି ମାରାଣ୍ଡି, ମମତାମୟୀ ଦାସ, ସୁମିତ୍ରା ସିଂ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଷିକେଶ କରଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

### ଇଭିଏମ୍ ଡେମନଷ୍ଟ୍ରେସନ ସେଣ୍ଟର ଉଦ୍‌ଘାଟିତ

# ଭୋଟ ଦେଲେ ଜିଲ୍ଲାପାଳ

- ୧୬ତାରିଖରେ ପ୍ରତ୍ୟେକ ବୁଥ୍‌କୁ ଯିବ ଗାଡ଼ି
- ଲୋକଙ୍କୁ ସଚେତନ କରାଇବ



**ବାଲେଶ୍ୱର, ୧୧।୧(ସମିସ):**

ଆସନ୍ତା ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଭାରତୀୟ ନିର୍ବାଚନ ଆୟୋଗକଙ୍କ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ତଥା ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ବାଚନରେ ଭୋଟଦାନ ମେସିନ ମାଧ୍ୟମରେ ହେବ। ଏହି ଭୋଟିଂ ମେସିନର ଠିକ ବ୍ୟବହାର ପାଇଁ ଏକ ଇଭିଏମ ଡେମନଷ୍ଟ୍ରେସନ ସେଣ୍ଟର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପନ କରାଯାଇଛି। ଏହାକୁ ଗୁରୁବାର ଜିଲ୍ଲାପାଳ ଦତାତ୍ରୟ ଭାଓସୋହେବ ସିନ୍ଦେ ଉଦ୍‌ଘାଟନ କରିଛନ୍ତି। ବାଲେଶ୍ୱର ଉପଜିଲ୍ଲାପାଳ ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ ଇଭିଏମ୍ ଡେମନଷ୍ଟ୍ରେସନ ସେଣ୍ଟର ଆରମ୍ଭ କରାଯାଇଛି। ବିଶେଷ କରି ଏହି ଭୋଟିଂ ମେସିନର କିପରି ବ୍ୟବହାର କରାଯାଇ ପାରିବ ସେ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଅସ୍ଥାୟୀ କେନ୍ଦ୍ର ଖୋଲାଯାଇଛି। ତେବେ ପ୍ରଥମେ ଜିଲ୍ଲାପାଳ ଏଥିରେ ଭୋଟ ଦେଇଥିଲେ। ଇଭିଏମ ଓ ଭିଭିପାର୍ଟ ମେସିନ ଠିକ ଭାବେ କାର୍ଯ୍ୟ କରୁଛି କି ନାହିଁ ତାହାର ମଧ୍ୟ ତଦାରଖ କରିଥିଲେ। ତେବେ କିପରି ଭାବେ ଏହି ଭୋଟିଂ ମେସିନକୁ ବ୍ୟବହାର କରାଯିବ ନେଇ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି କେନ୍ଦ୍ରରେ ସରକାରୀ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ କିପରି ଏହାର ବ୍ୟବହାର କରାଯିବ ପ୍ରଶିକ୍ଷଣ ନେଇଥିଲେ। ଜିଲ୍ଲାପାଳଙ୍କ ପରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏହି ଭୋଟିଂ ମେସିନରେ ଭୋଟ ଦେଇଥିଲେ। ଅନ୍ୟପଟେ ପୌରପାଳିକା ଓ ବ୍ଲକସ୍ତରରେ ଏହି ଭୋଟିଂ ମେସିନ ବ୍ୟବହାର ପ୍ରଶିକ୍ଷଣ ପାଇଁ ଭ୍ରାମ୍ୟମାଣ ଯାନ ବାହାରିବ। ପ୍ରତ୍ୟେକ ପୌରପାଳିକା ଓ ବ୍ଲକସ୍ତରରେ ଗୋଟିଏ ଲେଖାଏଁ ଏହିପରି ୧୫ଟି ମୋବାଇଲ ଡେମନଷ୍ଟ୍ରେସନ ଗାଡ଼ି ୧୬ତାରିଖରୁ ପ୍ରତ୍ୟେକ ବୁଥକୁ ଯାଇ ଭୋଟରଙ୍କୁ ସଚେତନ କରାଇବ। ପ୍ରତ୍ୟେକ ମୋବାଇଲ ଡେମନଷ୍ଟ୍ରେସନ ଯାନ ଗୋଟିଏ ବୁଥ୍‌ରେ ୯୦ମିନିଟ୍ ଯାଏ ଭୋଟରଙ୍କୁ ସଚେତନ କରାଇବ। ପ୍ରତ୍ୟେକ ଦିନ ଗୋଟିଏ ଗାଡି ୩ଟି ବୁଥକୁ ଗସ୍ତ କରି। ୨୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏ ନେଇ ନିର୍ବାଚନ ଅଧିକାରୀ ଗାୟତ୍ରୀ ସୋରେନ୍ କହିଛନ୍ତି ଯେ, ସାଧାରଣ ନିର୍ବାଚନରେ ଲୋକଙ୍କ କୌଣସି ଅସୁବିଧା ନ ହେବା ପାଇଁ ଏଭଳି ଅଭିଯାନ ଆରମ୍ଭ କରାଯାଇଛି।

# ବାରମ୍ବାର ଦାବି ସତ୍ତ୍ୱେ ସ୍ଥାନାନ୍ତର ହେଉନି ଟ୍ରାନ୍ସଫର୍ମର

**ଶ୍ରଦ୍ଧାପୁର, ୧୧ ।୧ (ସମିସ):**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଠଥଉଁରୀ ପଞ୍ଚାୟତ ବିଚିତ୍ରପୁର ଗ୍ରାମର ବିଦ୍ୟୁତ ଉପଭୋକ୍ତାଙ୍କ ପକ୍ଷରୁ ଏସଡ଼ିଓଙ୍କୁ ଚନ୍ଦନେଶ୍ୱର ଜେଇଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବ୍ଲକ ବିଚିତ୍ରପୁର ଲକ୍ଷ୍ମୀପୂଜା ପଡ଼ିଆଠାରେ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି ।

ଏହି ଟ୍ରାନ୍ସଫର୍ମରକୁ ଲାଗି ଖେଳ ପଡ଼ିଆ ସହ ମା’ ଲକ୍ଷ୍ମୀଙ୍କ ମନ୍ଦିର ଅଛି । ପ୍ରତ୍ୟେକ ବର୍ଷ ସାର୍ବଜନୀନ ଲକ୍ଷ୍ମୀପୂଜା ଓ ବାହୁଡା ଯାତ୍ରାରେ ୧୫ ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ମେଳା ଦେଖିବା ପାଇଁ ହଜାର ହଜାର ଓଡ଼ିଶା, ପଶ୍ଚିମ ବଙ୍ଗ ସୀମାନ୍ତ ଅଞ୍ଚଳର ଲୋକଙ୍କ ଭିଡ଼ ଜମି ଥାଏ । ସେହି ଜାଗାରେ ରହିଥିବା ଟ୍ରାନ୍ସଫର୍ମର କେବଳ ମଣିଷଙ୍କ ପାଇଁ ବିପଦ ସୃଷ୍ଟି କରୁଛି ତାହା ନୁହେଁ; ଗୃହ ପାଳିତ ପଶୁଙ୍କ ସୁରକ୍ଷା ନେଇ



ପ୍ରଶ୍ନ ବାଚୀ ସୃଷ୍ଟି କରୁଛି । ବାରମ୍ବାର ଦାବି କରିବା ପରେ ମଧ୍ୟ ବିଭାଗୀୟ ଅଧିକାରୀ ନିରବ ଦ୍ରଷ୍ଟା ସାଜିବା ନେଇ ଅସନ୍ତୋଷ ସୃଷ୍ଟି ହେଉଛି; ମାତ୍ର ଏଥି ପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଦିନକୁ ଦିନ ବିପଦ ଆଶଙ୍କା ସୃଷ୍ଟି ହେବାରେ ଲାଗିଛି । ବାରମ୍ବାର ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର ପାଇଁ ଉପଭୋକ୍ତା ଅଭିଯୋଗ କରି ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିଦାବିଷ୍ଣୁ ସାଜିଛନ୍ତି । ଟ୍ରାନ୍ସଫର୍ମର ବସିଥିବା ଲୁହା ପୋଲ, ଚ୍ୟାନେଲ ଓ ଅନ୍ୟାନ୍ୟ ଜିନିଷ କଳଙ୍କି ଲାଗି ନଷ୍ଟ ହୋଇ ବିପଦ ସଂକୁଳ ଅବସ୍ଥାରେ ରହିଛି । ସେହିପରି ଟ୍ରାନ୍ସଫର୍ମର ପାଖ ଦେଇ ଯାଇଥିବା ମୁଖ୍ୟ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଟ୍ରକ, ଟ୍ରାକ୍ଟର, ଅଟୋ, ମଟରସାଇକଲ ଯିବା ଆସିବା କରୁଛନ୍ତି । ବିଦ୍ୟାଳୟ, ବାତ୍ୟାଆଶ୍ରୟସ୍ଥଳ, ଡାକ୍ତରଖାନା, ପଞ୍ଚାୟତ ଅଫିସ, ମାର୍କେଟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ କୁନି କୁନି ପିଲା ଯିବା ଆସିବା କରନ୍ତି । ଏଠାରେ କୌଣସି ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ ନ କରାଗଲେ ୧୫ ଦିନ ମଧ୍ୟରେ ଉପଭୋକ୍ତାଗଣ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବସନ୍ତ ଭୂୟାଁ, ହେମନ୍ତ ଭୂୟାଁ, ବନମାଳୀ ବେହେରା, ଗୌରାଙ୍ଗ ମାହାଳି, ସୁମନ୍ତ ଭୂୟାଁ, ସୁଧୀର ଭୂୟାଁ, ଗଣେଶ ମାହାଳି, ଶରତ ଖିଲାର, ପଞ୍ଚାନନ ମହାକୁଡ଼, ଶ୍ରୀକାନ୍ତ ଭୂୟାଁ, ବିନୟ ବେହେରା, ଭଗବାନ ଭୂୟାଁ ଓ ଅନ୍ୟମାନେ ଚେତାବନୀ ଦେଇଛନ୍ତି ।

## ଦିବ୍ୟାଙ୍ଗଙ୍କ ସହ ଜନ୍ମଦିନ ପାଳିଲେ ବ୍ୟବସାୟୀ



**ଖଇରା, ୧୧ ।୧ (ସମିସ):** ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମସ୍ଥିତ କେଶବପୁରସ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାମାନଙ୍କ ସହ ଖଇରାର ଯୁବ ବ୍ୟବସାୟୀ ଚିରଞ୍ଜିବୀ ଆଶିଷ ବାରିକ ଜନ୍ମଦିନ ପାଳିଛନ୍ତି । ପିଲାମାନଙ୍କ ପାଇଁ ଭୋଜନ ଓ ପୋଷାକ ବ୍ୟବସ୍ଥା କରିବା ସହ ସମସ୍ତ କର୍ମଚାରୀଙ୍କ ପାଇଁ ମଧ୍ୟ ପୋଷାକ ବ୍ୟବସ୍ଥା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା କେଶବ ଚନ୍ଦ୍ର ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା କର, ଯୁବନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ



**ବାଲେଶ୍ୱର, ୧୧ ।୧(ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ଏକ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଘୋଷ, ମୁଖ୍ୟ ଅତିଥି ପ୍ରଫେସର ସଞ୍ଜୟ ଦେ ଏବଂ ସମ୍ମାନିତ ଅତିଥି ଭାବେ ଡ. ଜୟଶ୍ରୀ ମିଶ୍ର ଉଦ୍‌ଘାଟନ କରିଥିଲେ । ଶିକ୍ଷକ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ସମୀର ସାହୁ ଏବଂ କାର୍ଯ୍ୟକ୍ରମ ସଂଯୋଜିକା ବେବୀରାଣୀ ସି ଉକ୍ତ ଶିକ୍ଷାଦାନ ଶିକ୍ଷଣ ପ୍ରଦର୍ଶନୀର ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିଥିଲେ । ଶିକ୍ଷକ ଶିକ୍ଷା ବିଭାଗର ଅଧ୍ୟାପକ ଡ. ପୂର୍ଣ୍ଣପ୍ରଭା ମନ୍ତ୍ରୀ, ସୁଚିସ୍ମିତା ଦାସ, ପ୍ରଶାନ୍ତ ଘଡେଇ, ଜ୍ୟୋତିରଞ୍ଜନ ଦାସ, ପ୍ରମୋଦ ଦାସ, ରବୀନ୍ଦ୍ର ସିଂ ଏବଂ ଲକ୍ଷ୍ମୀପ୍ରିୟା ମହାନ୍ତି ନିଜର କାର୍ଯ୍ୟ ନିପୁଣତାର ସହସମ୍ପାଦନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଭାଷା, ସାମାଜିକ ବିଜ୍ଞାନ, ଭୌତିକ ବିଜ୍ଞାନ, ଜୀବ ବିଜ୍ଞାନ ଓ ଗଣିତ ବିଷୟରେ ଚତୁର୍ଥ ବର୍ଷର ଗୁରୁ ଛାତ୍ରଛାତ୍ରୀମାନେ ସମୁଦାୟ ୯୬ ଟି ସର୍ବୋତ୍କୃଷ୍ଟ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ । ବାଲେଶ୍ୱର ସଦରର ବିଭିନ୍ନ ବିଦ୍ୟାଳୟରୁ ହଜାରେରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀ ପରିଦର୍ଶନ କରି ଜ୍ଞାନ ଆହରଣ କରିଥିଲେ । ସମସ୍ତ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ମୂଲ୍ୟାୟନ ବାଲେଶ୍ୱର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟାପକ ପ୍ରକାଶ ପ୍ରଧାନ, ବର୍ଷାବର୍ଣ୍ଣାଳୀ ପାତ୍ର, ଡ଼. ନିବେଦିତା ଦାସ ଓ ସବିତା ଶୋଭା ପ୍ରଧାନଙ୍କ ଦ୍ୱାରା କରାଯାଇଥିଲା । ସମ୍ପୃକ୍ତ ବିଭାଗୀୟ ଅଣଶିକ୍ଷା କର୍ମଚାରୀ ଏବଂ ପ୍ରଥମ ଓ ଦ୍ୱିତୀୟ ବର୍ଷର ଶିକ୍ଷକ ଶିକ୍ଷା ବିଭାଗର ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାସେବୀ ଭାବେ ଅଂଶଗ୍ରହଣ କରିଥିଲେ ।



ବାଲେଶ୍ୱର ଷ୍ଟେସନ କ୍ଲବ୍ ପରିସରରେ ଇତିଶ୍ରୀ କିନ୍ନରଙ୍କ ଜନ୍ମ ଦିବସ ପାଳନ ଅବସରରେ ମଞ୍ଚାସୀନ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ନାରୀନେତ୍ରୀ ଜୟଶ୍ରୀ ବିଶ୍ୱାଳ ପ୍ରମୁଖ ।

## ପ୍ରଧାନମନ୍ତ୍ରୀ ଆବାସରେ ଦୁର୍ନୀତି

**ରାଇବଣିଆ, ୧୧ ।୧ (ସମିସ):** ଗରିବ ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଉଛି; କିନ୍ତୁ ପ୍ରକୃତ ଗରିବଟିଏ ଏଥିରୁ ବଞ୍ଚିତ ହେଉଛି । ସରକାରୀ ବାବୁମାନଙ୍କୁ ହାତ ଗୁଞ୍ଜା ଦେଇ ଏଠାରେ ଥିଲବାଲା ଆବାସ ଗୃହ ହାତେଇଛନ୍ତି । ଜଳେଶ୍ୱର ବ୍ଲକ ଦକ୍ଷୀଣ ପ୍ରହରାଜପୁର ପଞ୍ଚାୟତର ଦକ୍ଷିଣ ପ୍ରହରାଜପୁର ଗ୍ରାମରେ ଏଭଳି ଦେଖିବା ପାଇଁ ମିଳିଛି । ଏହି ଗାଁର ଗାୟତ୍ରୀ ବେହେରା ୨୦୧୫/୧୬ ମସିହାରେ ଏକ ବିଜୁ ପକ୍କା ଗୃହ ପାଇଥିଲେ । ପୁଣି ୨୦୨୨/୨୩ ଆର୍ଥିକ ବର୍ଷରେ ସେହି ପରିବାର ତଞ୍ଚକତା କରି ପ୍ରଧାନମନ୍ତ୍ରୀ ଆବାସ ହାତେଇଛି । ସବୁଠାରୁ ବଡ କଥା ବର୍ତ୍ତମାନ ଘର ନ କରି ଆଗରୁ ପାଇଥିବା ପୁରୁଣା ଆବାସଘରକୁ ରଙ୍ଗମାରି ନୂତନ ଫଳକ ଲେଖି ଦେଖେଇ ବିଲ୍ ଉଠାଇ ନେଇଛନ୍ତି । ଏହାକୁ ନେଇ ଗ୍ରାମର ରଞ୍ଜନ ସେଠୀ ଜଳେଶ୍ୱରରେ ଜନ ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ରାସ୍ତା ନିର୍ମାଣ ଲାଗି ବିଧାୟକଙ୍କ ପ୍ରତିଶ୍ରୁତି

**ଖଇରା, ୧୧ ।୧ (ସମିସ):** ସାରଡାଙ୍ଗ ପଞ୍ଚାୟତ ଅଧୀନ ଆମ୍ବଗଡ଼ିଆ ଗ୍ରାମର ଅନେକ ସାହିର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ମହିଳାମାନେ ତାଙ୍କୁ ରାସ୍ତା ବିଷୟରେ ଅବଗତ କରାଇଛନ୍ତି । ରାସ୍ତା କାମ ଲାଗି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି । ଗ୍ରାମର ସିଆରପି ଚିତ୍ରକଳା ମାଝୀ, ଭାଗୀରଥି ମାଝୀ, କମଳାକାନ୍ତ ମାଝୀ, ଲକ୍ଷ୍ମଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

● ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସୂର୍ଯ୍ୟଶିଖା କ୍ରିକେଟ କ୍ଲବ୍ ବିଜୟୀ

**ଖଇରା, ୧୧ ।୧(ସମିସ):** ଗଣ୍ଡିବେଡ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । କଡା ମୁକାବିଲାରେ ଭଦ୍ରକର ସୂର୍ଯ୍ୟଶିଖା କ୍ରିକେଟ କ୍ଲବ ବାସୁଦେବପୁରର ଉତ୍କଳିକା ସ୍ପୋର୍ଟିଂକୁ ୪୨ରନ୍‌ରେ ପରାସ୍ତ କରିଛି । ଗୁଡୁ ମୁଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ସାର୍ଥକ ରଞ୍ଜନ ବିଶ୍ୱାଳ ଓ ଅଶୋକ ଜେନା ମ୍ୟାଚ ପରିଚାଳନା କରିଥିଲେ । ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । କମଳାକାନ୍ତ ବେହେରା ଓ ଦେବବ୍ରତ ସାହୁ ସ୍କୋର ଦାୟିତ୍ୱରେ ଏବଂ ଉଦୟଭାନୁ ପତି ଓ ମନୋରଞ୍ଜନ ଜେନା ଭାଷ୍ୟକାର ଦାୟିତ୍ୱରେ ରହିଥିଲେ । ସୁଶାନ୍ତ ନାୟକ, ବଣ୍ଟି ନାୟକ, ଜୀବନଜ୍ୟୋତି ଦାସ ଓ ଆକାଶ ନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଅବହେଳିତ

**ଜଳେଶ୍ୱର ବ୍ଲକ, ୧୧ ।୧(ସମିସ):** ଶାଳିକୋଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଖୋଲା ପଡ଼ିଆରେ ଅବହେଳିତ ଭାବେ ରହିଛି । ଏପରିକି ପ୍ରତିମୂର୍ତ୍ତିର କିଛି ଅଂଶ ଦୃର୍ବୃତ୍ତ ଭାଙ୍ଗି ଦେଇଛନ୍ତି । ଏ ନେଇ ବିଜେପି ଅସନ୍ତୋଷ ପ୍ରକାଶ କରିଛି । ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ପୌରୋହିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ, ୯ ନଂ ମଣ୍ଡଳ ସଭାପତି ସପନ ବିଶ୍ୱାଳ, ୮ ନଂ ଜୋନ୍ ସଭାପତି ବିଶ୍ୱରୂପ ଦାସ ଓ ବରିଷ୍ଠ ନେତା ସମୀର ପାତ୍ର ଯୋଗ ଦେଇଥିଲେ ।

● ବିଚିତ୍ରପୁର ମୁରଲୀଚଢ଼ରେ ପକ୍ଷୀ ଗଣନା ଶେଷ

## ୩୧ ପ୍ରଜାତିର ୧୪, ୬୧୨ ଦେଶୀ ଓ ବିଦେଶୀ ପକ୍ଷୀ ଠାବ

**ଭୋଗରାଇ/ଚୌକି, ୧୧ ।୧(ସମିସ):** ଭୋଗରାଇ ବ୍ଲକ ବିଚିତ୍ରପୁର ଇକୋ ଟୁରିଜିମ ଅଧୀନ ମୁରଲୀଚଢରେ ପକ୍ଷୀ ଗଣନା ଶେଷ ହୋଇଛି । ୧୨ ଜଣିଆ ଟିମ୍ ଏହି ପକ୍ଷୀ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ୩୧ ପ୍ରକାର ପ୍ରଜାତିର ସମୁଦାୟ ୧୪, ୬୧୨ ଦେଶୀ ଓ ବିଦେଶୀ ପକ୍ଷୀ ଦେଖିବାକୁ ମିଳିଛି ବୋଲି ଉଦୟପୁର ବନପାଳ ପରମାନନ୍ଦ ନାୟକ ସୂଚନା ଦେଇଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ କର୍ମଶାଳା




**ବାଲେଶ୍ୱର, ୧୧ ।୧(ସମିସ):** ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଭୂବିଜ୍ଞାନ ବିଭାଗ ଦ୍ୱାରା ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ତ୍ରିଦିବସୀୟ ଏହି କର୍ମଶାଳାରେ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ । ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ଭୂବିଜ୍ଞାନୀ ପ୍ରତିଷ୍ଠାନର ଜୟନ୍ତ ନନ୍ଦ, ପ୍ରଫେସର ଆର.ଭି କରନ୍ଥ, ଲକ୍ଷ୍ନୌ ୟୁନିଭର୍ସିଟିର ପ୍ରଫେସର ଭିଭୁତି ରାଏ, ପ୍ରଫେସର ମଧୁମିତା ଦାସ ପ୍ରମୁଖ ଉପସ୍ଥିତି ଥିଲେ । ଏହି ସେମିନାରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ୫୦, ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୫, ସମ୍ବଲପୁର ବିଶ୍ୱବିଦ୍ୟାଳୟ ୩, ବାରିପଦା ବିଶ୍ୱବିଦ୍ୟାଳୟର ୫, ରାଉରକେଲାରୁ ୨୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଜିଏସଆଇ କୋଲକାତାର ପୂର୍ବତନ ନିର୍ଦ୍ଦେଶକ ରମା ରାଏ ରୁଦ୍ର, ଜିଏସଆଇ ଭୁବନେଶ୍ୱରର ପୂର୍ବତନ ଡିଡିଜି ଜୟନ୍ତ ନନ୍ଦ, ଜିଏସଆଇ ଭୁବନେଶ୍ୱରର ବରିଷ୍ଠ ଜିଓଲୋଜିଷ୍ଟ ମାୟା ତ୍ରିପାଠୀ, ଜିଏସଆଇ ଭୁବନେଶ୍ୱରର ପୂର୍ବତନ ଡିଡିଜି ଯଦବା ନନ୍ଦ ଦାସ, ପ୍ରଣବ ଦାସ ପ୍ରମୁଖ ଜେମୋଲୋଜି ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ଉପରେ ଆଲୋକପାତ କରିଥିଲେ । ମିହିର ସେନାପତିଙ୍କ ଭିଡିଓ ଉପସ୍ଥାପନା ଓ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପାଳ କେ ପ୍ରଧାନଙ୍କ ଉପସ୍ଥାପିତ ତଥ୍ୟ ଉପୋଯୋଗୀ ଥିଲା । ଡକ୍ଟର ରୋଜାଲିନ ଦାସ ସଞ୍ଚାଳନ କରିଥିବା ବେଳେ ଭୂବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅସୀମ ଅମିତାଭ ପ୍ରଧାନ ସଂଯୋଜନା କରିଥିଲେ ।

## ଶାନ୍ତିଆରେ ଭିନ୍ନକ୍ଷମ ଶିବିର

**ଜଳେଶ୍ୱର ବ୍ଲକ, ୧୧ ।୧(ସମିସ):** ଜଳେଶ୍ୱର ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବରଡିହା ସରପଞ୍ଚ ଅଜୟ ମହାନ୍ତି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବ୍ରହ୍ମ ଦର୍ଶୀ ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ, ବ୍ଲକ ମଙ୍ଗଳ ଅଧିକାରୀ ସଜ୍ଜତ ଅନୁପମ ପ୍ରମୁଖ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ । ଶିବିରରେ ୮ ଶହରୁ ଅଧିକ ଭିନ୍ନକ୍ଷମ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପୁନମ ରାଉତ୍, ଅତିରିକ୍ତ ବିଡିଓ ମାୟାଧର ମଲ୍ଲିକ, ସିପି ସୁଜିତ ଜେନା, ପିଇଓ, ଅଙ୍ଗନବାଡ଼ି ପରିଦର୍ଶିକା, ଜିଆରଏସ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ, ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ ।

## ‘ଯୁବ ଭାରତ ବିକଶିତ ଭାରତ’ କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୧ ।୧(ସମିସ):** ନେହରୁ ଯୁବକେନ୍ଦ୍ର ବାଲେଶ୍ୱର ତରଫରୁ ଯୁବ ଭାରତ ବିକଶିତ ଭାରତ କାର୍ଯ୍ୟକ୍ରମ ମୁନ୍ କମୁନିକେଶନ ଓ ସାଇରାମ ଟ୍ୟୁଟୋରିଆଲର ମିଳିତ ଆନୁକୂଲ୍ୟରେ ଆଜିମାବାଦ ନିକଟସ୍ଥ ସାଇରାମ ଟ୍ୟୁଟୋରିଆଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଜ୍ୟୋତିର୍ମୟୀ ଶତପଥୀ ପୌରୋହିତ୍ୟ କରିଥିଲେ । ଏହି ଅବସରରେ ବିଭିନ୍ନ କଲେଜର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ଜୀବନ ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ଭାବେ ନେହରୁ ଯୁବକେନ୍ଦ୍ର ବାଲେଶ୍ୱରର ଜିଲ୍ଲା ଯୁବ ଅଧିକାରୀ ରମେଶ ଆର୍ କପୁର, ଅଧ୍ୟାପକ କାଳୀଚରଣ ମାଝି, ଅଧ୍ୟାପକ ପ୍ରଦୀପ ଦାସ, ଅଧ୍ୟାପକ ଜଗନ୍ନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅବନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




## ଶ୍ରୀ ଅରବିନ୍ଦ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ



**ଜଳେଶ୍ୱର ବ୍ଲକ, ୧୧ ।୧(ସମିସ):** ଜଳେଶ୍ୱର ଶାନ୍ତିଆସ୍ଥିତ ଯୋଗ ମନ୍ଦିର କମିଟି ପକ୍ଷରୁ ଶ୍ରୀ ଅରବିନ୍ଦ ଯୋଗ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଛି । ଅଧ୍ୟକ୍ଷ ସରୋଜ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ । ଅନାଦି ଚରଣ ସ୍ୱାଇଁ, ଇନ୍ଦୁ ମାଧବ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ ।

# ଭୋଗରାଇ ସ୍ୱତନ୍ତ୍ରତାକୁ ଉଜ୍ଜୀବିତ କରିବା ଯୁବ, ଛାତ୍ରଙ୍କ ଦାୟିତ୍ୱ

**ଭୋଗରାଇ, ୧୧ ।୧(ସମିସ):**

ଭୋଗରାଇର ସ୍ୱତନ୍ତ୍ରତାକୁ ଉଜ୍ଜୀବିତ ଓ ପ୍ରସ୍ଫୁଟିତ କରିବା ଆଜିର ଯୁବ ଓ ଛାତ୍ର ସମାଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ୧୫ତମ ଭୋଗରାଇ ଉତ୍ସବର ନବମ ସାନ୍ଧ୍ୟ ସଭାରେ ଏହି ମତପ୍ରକାଶ ପାଇଛି ।

ଉତ୍ସବ କମିଟିର ସମୀକ୍ଷକ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶିକ୍ଷାବିତ ପ୍ରମଥ ଗିରିଙ୍କ ପୌରୋହିତ୍ୟରେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭୋଗରାଇର ଉନ୍ନତ କୃଷି, କଳା, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ଭୋଗରାଇର ଏହି ଅନନ୍ୟ ସ୍ୱତନ୍ତ୍ରତାକୁ ଉଜ୍ଜୀବିତ



କରିବା ପାଇଁ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଦେବାଶିଷ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୋଗରାଇର ସାଂସ୍କୃତିକ ଓ ସାରସ୍ୱତ ପରମ୍ପରାର ମହନୀୟତା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ବିକାଶ ଓ ଅଭିବୃଦ୍ଧିରେ ଏଭଳି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବ କମିଟିର କାର୍ଯ୍ୟକାରୀ ସଦସ୍ୟ କବି ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବ କମିଟି ସଦସ୍ୟ ତଥା ସାମ୍ବାଦିକ ବିଶ୍ୱମ୍ବର ଦାସ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଦସ୍ୟ ଯଜ୍ଞେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ପଣପଣା ସେବା ସମବାୟ ସମିତିରେ ୧୬ ଦିନ ଧରି ତାଲା

# ପଡ଼ିଆରେ ଖୋଲିଲା ଧାନମଣ୍ଡି

**ବାହାନଗା, ୧୧।୧(ସମିସ):**

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଣପଣା ସେବା ସମବାୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଣ୍ଡିରେ ଧାନ କିଣା ଆରମ୍ଭ ହୋଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପ୍ରଥମ ପର୍ଯ୍ୟାୟରେ ୧୮୫ ଜଣ ଚାଷୀଙ୍କଠାରୁ ୪ ହଜାର କୁଇଣ୍ଟାଲ ଧାନ କିଣାଯାଇଛି।

ପଣପଣା ସେବା ସମବାୟ ସମିତିରେ ୨୦୧୭ ରେ ଜମାକାରୀ ସମିତିରେ ରଖିଥିବା ଟଙ୍କାରୁ ୪ କୋଟି ୫୬ ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏ ନେଇ ଭିଜିଲାନ୍ସରେ ମାମଲା ରୁଜୁ ହୋଇଥିଲେ ସୁଦ୍ଧା ଜମାକାରୀଙ୍କୁ ଟଙ୍କା ଫେରସ୍ତ ମିଳିପାରିନାହିଁ। ଚାଷୀ ନିଜର କଷ୍ଟ ଅର୍ଜିତ ଜମା ଟଙ୍କା ଫେରି ପାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ଗୁହାରି କରି ବିଫଳ ହୋଇଛନ୍ତି। ପରେ ନିଜର ଟଙ୍କା ଫେରସ୍ତ ପାଇବାକୁ ଦାବି କରି ଗତ ଡିସେମ୍ବର ମାସ ୨୮ ତାରିଖରେ ଜମାକାରୀ ସମିତି ଫାଟକରେ ତାଲା ପକାଇଦେଇଛନ୍ତି।

ତାଲା ପକାଇବାକୁ ୧୬ ଦିନ ବିତିଥିବା ବେଳେ ସମିତିରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଚଳିତ ଋତୁରେ ୯୮୭ ଜଣ ଚାଷୀ ସମିତି ମଣ୍ଡିରେ ଧାନ ଦେବା ପାଇଁ ଅନଲାଇନ କରିଥିଲେ; ହେଲେ ସମିତି ବନ୍ଦ କାରଣରୁ ଧାନ ବିକ୍ରି କରିପାରି ନ ଥିଲେ। ଏ ନେଇ ଗତ ୧୦ ତାରିଖରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ ତୁରନ୍ତ ସମିତି ଖୋଲି ଚାଷୀଙ୍କ ନିକଟରୁ ଧାନ କିଣିବାକୁ ଜିଲ୍ଲା ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଏଆରସିଏସଓ ଲକ୍ଷ୍ମୀଧର ରାଉତଙ୍କ ସହ ଅନ୍ୟ ଅଧିକାରୀମାନେ ସମିତିରୁ ତାଲା ଫିଟାଇବାକୁ ଆସିଥିବା ବେଳେ ଲୋକେ ଟଙ୍କା ଫେରି ନ ପାଇବା ପର୍ଯ୍ୟନ୍ତ ତାଲା ଫିଟାଇବାକୁ ଦେବେନାହିଁ କହି ଅଧିକାରୀଙ୍କୁ ଫେରାଇ ଦେଇଥିଲେ। ଏ ନେଇ ଏଆରସିଏସଓ ଶ୍ରୀ ରାଉତ ଜିଲ୍ଲାପାଳଙ୍କୁ ଘଟଣା ବାବଦରେ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ସିନ୍ଦେ ଚାଷୀଙ୍କ ସମସ୍ୟାକୁ ଉପଲବ୍ଧି କରି ତୁରନ୍ତ ସେହି ପଞ୍ଚାୟତର ସରସତିଆ ଗ୍ରାମର ଏକ ସରକାରୀ ପଡ଼ିଆରେ ମଣ୍ଡି ଜରିଆରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସମିତି ସମ୍ପାଦକ ତାପସ ଦାଶଙ୍କ ତତ୍ତ୍ୱାବଧାନରେ ଧାନ କିଣା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୧୮୫ ଜଣ ଚାଷୀଙ୍କଠାରୁ ୪ ହଜାର କୁଇଣ୍ଟାଲ ୨୫ କେଜି ଧାନ କିଣା ଯାଇଛି। ଧାନ କିଣା ସମୟରେ ତଦାରଖ ପାଇଁ ଜିଲ୍ଲାସ୍ତରରୁ ଦେବାଶିଷ ଦାସ ଏବଂ ସୁପରଭାଇଜର ଗୋପୀନାଥ ବିଶ୍ୱାଳ ପହଞ୍ଚି ଧାନ ମଣ୍ଡି ଦେଖିବା ସହ ଚାଷୀଙ୍କୁ ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ। ଚାଷୀଙ୍କୁ ଯେପରି ଧାନ ବିକ୍ରିରେ ସମସ୍ୟା ନ ହୁଏ ସେନେଇ ଯତ୍ନବାନ ହେବାକୁ ସମିତି ସମ୍ପାଦକ ଶ୍ରୀ ଦାସ ଏବଂ ମିଲରଙ୍କୁ କୁହାଯାଇଛି।



**୪ହଜାର କୁଇଣ୍ଟାଲ ଧାନ ବିକିଲେ ୧୮୫ ଚାଷୀ**

## ୩ ବିଜୁଳି ଉପଭୋକ୍ତା ପୁରସ୍କୃତ




**ବାହାନଗା, ୧୧।୧(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ୩ ଜଣ ବିଜୁଳି ଉପଭୋକ୍ତାଙ୍କୁ ବିଲ ପେ ଆଣ୍ଡ ୱିନ ଯୋଜନାରେ ଟିପିଏନଓଡ଼ିଏଲ ପୁରସ୍କୃତ କରିଛି। ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟିପିଏନଓଡ଼ିଏଲ ପକ୍ଷରୁ ଅମୃତ କୁମ୍ଭ ଅଫର ଜରିଆରେ ବିଲ 'ପେ ଆଣ୍ଡ ୱିନ' ଯୋଜନା ଆରମ୍ଭ ହୋଇଛି। ମାସ ଶେଷରେ ଶୂନ୍ୟ ବକେୟା ଥିବା ସମସ୍ତ ଗ୍ରାହକଙ୍କୁ ନେଇ ଏକ ଲକି ଡ୍ର ଆହ୍ୱାନ କରାଯାଇଥିଲା। ଏହି ଲକି ଡ୍ର ମାଧ୍ୟମରେ ଡିସେମ୍ବର ମାସ ପାଇଁ ଗୋପାଳପୁର ବିଦ୍ୟୁତ ସେକ୍ସନରୁ ବରଜଦେଉଳି ଗ୍ରାମର ବିଜୁଳି ଉପଭୋକ୍ତା ହରେକୃଷ୍ଣ ତ୍ରିପାଠୀ, ଅଭଣାର ଜଗନ୍ନାଥ ସାହୁ, ବେଣାପଦା ଗ୍ରାମର ଗୁରୁପ୍ରସାଦ ବେହେରା, ପାଇକସ୍ତା ଗ୍ରାମର ଉପଭୋକ୍ତା ପ୍ରଭାକର ମିଶ୍ର ଏହି ଲକି ଡ୍ର ଜରିଆରେ ପୁରସ୍କୃତ ହୋଇଛନ୍ତି। ବାହାନଗା ବିଦ୍ୟୁତ ବିଭାଗର କାର୍ଯ୍ୟାଳୟରେ ଏହି ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବାହାନଗା ଏସଡ଼ିଓ ଅମରେଶ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଶୋକ ମଲ୍ଲିକ, ଅଭଣା ଯନ୍ତ୍ରୀ ସଚିତ୍ର ମହନ୍ତ, ଗୋପାଳପୁର ଯନ୍ତ୍ରୀ ପରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲକି ଡ୍ର ମାଧ୍ୟମରେ ଜିତିଥିବା ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଗ୍ରାଇଣ୍ଡର, ଇଣ୍ଡକ୍ସନ, ହଟକେସ ପ୍ରଦାନ କରାଯାଇଛି। ସମସ୍ତ ବିଜୁଳି ଉପଭୋକ୍ତା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଜୁଳି ବିଲ ପୈଠ କରି ଏହି ଲକି ଡ୍ର ମାଧ୍ୟମରେ ପୁରସ୍କାର ଜିତିପାରିବେ ବୋଲି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଶୋକ ମଲ୍ଲିକ କହିଛନ୍ତି।

## ନୂଆଗାଁ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



**ଲଙ୍ଗଳେଶ୍ୱର, ୧୧।୧(ସମିସ):** ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସଭାପତି ଗଙ୍ଗାଧର ପଡ଼ିଆରୀ ଏଥିରେ ସଭାପତିତ୍ୱ କରିଥିଲେ। ଲୋକଙ୍କ କଲ୍ୟାଣ ସହ ତୃଣମୂଳସ୍ତରରୁ ଦଳକୁ ଆହୁରି ମଜଭୁତ କରିବାକୁ କର୍ମୀ ସମ୍ମିଳନୀରେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା ଯୋଗଦେଇ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ବାଲିଆପାଳରେ ସୁବର୍ଣ୍ଣରେଖା ବନ୍ଦର ହେଲେ ଅଞ୍ଚଳର ବିକାଶ ଘଟିବ ଏବଂ ପେଟ୍ରୋକେମିକାଲ୍ ପ୍ରକଳ୍ପ କେବେ ବି ବାଲିଆପାଳରେ ହେବ ନାହିଁ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇ ଭାରତବର୍ଷର ରାଜନୀତିରେ ଇତିହାସ ରଚିବା ଲକ୍ଷ୍ୟରେ ଏକାଠି ହୋଇ ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ କାମ କରିବା ପାଇଁ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ପଞ୍ଚାୟତର ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ। ସମ୍ମିଳନୀରେ ବକ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପୂର୍ବତନ ସଭାପତି ଚକ୍ରଧର ଗିରି, ବିଜେଡି ଜିଲ୍ଲା ଉପ ସଭାପତି ତଥା ଶ୍ରୀରାମପୁର ସରପଞ୍ଚ ଦେବ ଦେ, ବ୍ଲକ ମହିଳା ସଭାପତି ସରପଞ୍ଚ କସ୍ତୁରୀବାଳା ପାତ୍ର, ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ଅଁଳାଡିହା ପୂର୍ବତନ ସରପଞ୍ଚ କମଳ ଲୋଚନ କର, ନାଏବ ସରପଞ୍ଚ ଅଜୟ ଦାସ, ୱାର୍ଡମେମ୍ବର ବଂଶୀଧର ସାମଲ, ଯୁବ ସଭାପତି ଧନଞ୍ଜୟ ରଣା, ପଦ୍ମଲୋଚନ ବିଶ୍ୱାଳ, ମନ୍ମଥ ମହାନ୍ତି, ଅଞ୍ଜନ ବେହେରା, କାର୍ତ୍ତିକ ପାତ୍ର, ପୂର୍ଣ୍ଣଚନ୍ଦ୍ର ଜେନା, ବାବୁଧର ଖିଲାର, ୱାର୍ଡମେମ୍ବର ପ୍ରିୟଙ୍କା ରାଉତ, ରେବତୀ ଦଳାଇ, ପ୍ରମୋଦ ପଡ଼ିଆରୀ, ସୁଶାନ୍ତ ପଡ଼ିଆରୀ, ଗୌରାଙ୍ଗ ମାଝୀ, ତପନ ସାମଲ, ଭାବଗ୍ରାହୀ ପରିଡ଼ା, ଶ୍ରୀକାନ୍ତ ନାୟକ, ହରିହର ପରିଡ଼ା ପ୍ରମୁଖ ବହୁ ନେତୃବୃନ୍ଦଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଅନ୍ୟଦଳ ଛାଡି ବିଜେଡିରେ ମିଶିଲେ ୨୦ରୁ ଅଧିକ କର୍ମୀ

**ନୀଳଗିରି, ୧୧।୧(ସମିସ):** ଅନ୍ୟଦଳ ଛାଡି ବିଜେଡିରେ ୨୦ରୁ ଅଧିକ କର୍ମୀ ଯୋଗ ଦେଇଛନ୍ତି। କିଶୋରଚନ୍ଦ୍ରପୁର ପଞ୍ଚାୟତ ରାଉଦିଆ ଗ୍ରାମର ଲକ୍ଷ୍ମଣ ହାଁସଦା, ନାରାୟଣ ସିଂ, ଚାନ୍ଦମଣୀ ମୁର୍ମୁ, ଗୁରୁବା ସିଂ, ବଳରାମ ସିଂ, ବାଇଧର ସିଂ, ବିଜୟ ସିଂ, ଲକ୍ଷ୍ମଣ ସିଂ, ରାଇତାନ ମୁର୍ମୁ, ବିଜୟ ସିଂ, ବୁଦ୍ଧିଆ ସିଂ ପ୍ରମୁଖ ବିଜେପି ଛାଡ଼ି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି। ସ୍ଥାନୀୟ ବଢେଇପଲା ଗ୍ରାମର ବିଜେଡି ନେତା ରାଜେନ୍ଦ୍ର ସିଂ, ମହେନ୍ଦ୍ର ବେହେରା, ୧୧ନମ୍ବର ଜୋନ ପ୍ରଭାରୀ ଜୟନ୍ତ ବିନ୍ଧାଣୀଙ୍କ ଉପସ୍ଥିତିରେ ସନ୍ତୋଷ ଖଟୁଆ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

## ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ କୌଶଳ ପ୍ରଦର୍ଶନ



**ବାଲେଶ୍ୱର, ୧୧।୧(ସମିସ):** ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓସଡମା ଏବଂ ଏନଡିଏମଏ ସହାୟତାରେ ବାଲେଶ୍ୱର ଜିଲ୍ଲାର ଇଣ୍ଡିଆନ ବଟଲିଂ ଏବଂ ଫାଲକନ ମେରାଇନ ଏକ୍ସପୋର୍ଟ ଲିମିଟେଡ଼ରେ କୌଶଳ ପ୍ରଦର୍ଶନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶନୀ ମଲ୍ଲିକ ଓ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରାଯାଇଥିଲା। ସ୍ଥାନୀୟ ପୁଲିସ, ତହସିଲଦାର, ଅଗ୍ନିଶମ ବିଭାଗ, ଓଡ୍ରାଫ, ଏନ୍‌ଡିଆରଏଫ, ମେଡ଼ିକାଲ କଲେଜ, ଜିଲ୍ଲା ଶିଳ୍ପ କେନ୍ଦ୍ର ଇତ୍ୟାଦି ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଆପଦ ମିତ୍ର, ସ୍ଥାନୀୟ ଅଧିବାସୀ, ଆଶା, ଅଙ୍ଗନବାଡି କର୍ମୀ ସାମିଲ ହୋଇଥିଲେ।

## ରେଳ ଓଭରବ୍ରିଜ ପାଇଁ ବରିଷ୍ଠ ନାଗରିକଙ୍କ ଧାରଣା




**ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୧।୧(ସମିସ):** ଜଳେଶ୍ୱର ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏହାର ପ୍ରତିବାଦରେ ବରିଷ୍ଠ ନାଗରିକ ମଞ୍ଚ ଗୁରୁବାର ପୂର୍ତ୍ତ ଉପଖଣ୍ଡ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଇଛି। ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡକ୍ଟର ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ ଗିରି, ସିତାଂଶୁ ସେନାପତି, ରାଜାରାମ କରଶର୍ମା, କପିଳେଶ୍ୱର ମହାନ୍ତି, ବନମାଳୀ ଧଳ, ବିକାଶ ଧର, କମଳ ଚକ୍ରବର୍ତ୍ତୀ, ସୁଦାମ ଚରଣ ପାତ୍ର, ଭାଗବତ ଚନ୍ଦ୍ର ପରିଡ଼ା, ଅଶୋକ ଦାସ, ଅଶୋକ ଜେନା, ଜ୍ୟୋତିଷ କର, ଅନନ୍ତ ଦତ୍ତ, ରବୀନ୍ଦ୍ର ବାରିକ, ଜିତାଂଶୁ ଶେଖର ନନ୍ଦୀ, ରଜତ ଦାସ, ଜୀବନ ପରିଡ଼ା, ସୁନିଲ ଗିରି, ଅବଦୁଲ ସମ୍ମତ ଖାଁ, ସବିତା ଭୂୟାଁ, ସିଦ୍ଧେଶ୍ୱର ତ୍ରିପାଠୀ, ନିତ୍ୟାନନ୍ଦ ଦାସ, ପଲଟୁ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ୨୦୧୮ରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି; ହେଲେ ଏ ପର୍ଯ୍ୟନ୍ତ କାମ ସରୁନି। ଏଣୁ ରାସ୍ତାରୋକ କରାଯିବାକୁ ଆହ୍ୱାନ ଦିଆଯାଇଥିଲା। ଏକା ସାଙ୍ଗରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ରାଜଘାଟ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ପ୍ରାୟ ଏକ ବର୍ଷ ହେବ ସମ୍ପୂର୍ଣ୍ଣ ହୋଇ ଲୋକେ ଯାତାୟତ ଆରମ୍ଭ କଲାଣି; ମାତ୍ର ଜଳେଶ୍ୱର ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବାର ଅବଧିକୁ ୨ ଥର ବୃଦ୍ଧି କରାଯାଇ ଗତବର୍ଷ ଅକ୍ଟୋବର ୩୦ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବାର ଘୋଷଣା କରାଯିବା ସତ୍ତ୍ୱେ ଏହା ଶେଷ ହୋଇ ପାରି ନାହିଁ ବୋଲି ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଜଳେଶ୍ୱର ରେଳ ଫାଟକ ଅନେକ ସମୟରେ ବନ୍ଦ ରହୁଥିବାରୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଡିସେମ୍ବର ୩୧ ତାରିଖ ସୁଦ୍ଧା କାମ ଶେଷ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆ ଯାଇଥିଲା। ବାଲେଶ୍ୱର ତେବେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପିନାକୀ ପ୍ରସାଦ ସ୍ୱାଇଁ ଆନ୍ଦୋଳନକାରୀଙ୍କ ପାଖରେ ପହଞ୍ଚି ବୁଝାଇଥିଲେ। ଫେବୃଆରୀ ୧୦ ତାରିଖ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ଆନ୍ଦୋଳନରୁ ଓହରିଛି। ତେବେ ଫେବୃଆରୀ ୧୦ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ମଞ୍ଚ ତରଫରୁ ରାସ୍ତାରୋକ ଚେତାବନୀ ଦିଆଯାଇଛି।

### ● ଭୋଗରାଇର ୭ ପଞ୍ଚାୟତରେ ଗଡ଼ିଲା ଅର୍ପଣ ରଥ

## 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ଗାଁ



**ଭୋଗରାଇ, ୧୧।୧(ସମିସ):** ଜାନୁୟାରୀ ୧୭ରେ ଲୋକାର୍ପଣ ହେବ ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ଐତିହାସିକ ପରିକ୍ରମା ପ୍ରକଳ୍ପ। ଏ ନେଇ ଉତ୍ସବ ମୁଖର ହୋଇଛି ସମଗ୍ର ଭୋଗରାଇ ସମେତ ସାରା ଓଡ଼ିଶା। ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି ପୁରପଲ୍ଲୀ। ଗାଁ ଠୁଁ ସହର ସବୁଠି ଆଧ୍ୟାତ୍ମିକ ପରିବେଶ। ନେତା, ଜନତା, ସରକାରୀ କର୍ମଚାରୀ ସମସ୍ତେ ଏକାକାର। ବାଛବିଚାର କି ଭେଦଭାବ ନାହିଁ। ଗୁରୁବାର ମହେଶପୁର, ଜଳସୋହରିଆ, ଦେଉଳା, ଜଳେଶ୍ୱରପୁର, ବାଜିତପୁର, ଦୁଡପଲ ଓ ଖରିଦପିପଳ ଆଦି ୭ଟି ପଞ୍ଚାୟତର ଗାଁକୁ ଅର୍ପଣ ରଥ ଗାଁ ଗଡ଼ିଛି। ହରି ବୋଲ ଓ ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ କମ୍ପିଛି। ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ସଦସ୍ୟାଙ୍କ ସମେତ ପଞ୍ଚାୟତର କର୍ମଚାରୀ, ସମସ୍ତ ୱାର୍ଡସଭ୍ୟ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରି ପାଛୋଟି ନେଇଥିଲେ। ଶ୍ରଦ୍ଧାଳୁଙ୍କ ସମେତ ସଂକୀର୍ତ୍ତନ ମଣ୍ଡଳୀ ଝାଞ୍ଜ, ମୃଦଙ୍ଗ ତାଳରେ ଭଜନ, ଜଣାଣ ଓ ହରିନାମ ସଂକୀର୍ତ୍ତନ ଗାନ କରିଥିଲେ। ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର, ଜଳସୋହରିଆ ସରପଞ୍ଚ ସିନ୍ଧୁବତୀ ଦଳେଇ ଓ ପଞ୍ଚାୟତ ସମିତି ସଦସ୍ୟ ଲକ୍ଷ୍ମୀକାନ୍ତ ଆଧେକ, ଦେଉଳା ସରପଞ୍ଚ ଚୈତନ୍ୟ ବେହେରା ଓ ପଞ୍ଚାୟତ ସମିତି ସଦସ୍ୟ ଗୌତମ ଗିରି, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା ଓ ପଞ୍ଚାୟତ ସମିତି ସଦସ୍ୟା ନମିତା ସେଠୀ, ବାଜିତପୁର ସରପଞ୍ଚ ତୁଳସୀ ଜେନା ଓ ପଞ୍ଚାୟତ ସମିତି ସଦସ୍ୟ ତପନ ଦାସ, ଦୁଡପଳ ସରପଞ୍ଚ ଚିତ୍ରଲେଖା ବେହେରା ଓ ପଞ୍ଚାୟତ ସମିତି ସଦସ୍ୟ ଜୟନ୍ତୀ ଘଡେଇ, ଖରିଦପିପଳ ସରପଞ୍ଚ ମଞ୍ଜୁରାଣୀ ବେହେରା ଓ ପଞ୍ଚାୟତ ସମିତି ସଦସ୍ୟା ବିନତୀ ସାହୁ ପ୍ରମୁଖଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର କର୍ମଚାରୀ, ସମସ୍ତ ୱାର୍ଡସଭ୍ୟ ସାମିଲ ହୋଇଥିଲେ।

## ଶ୍ରୀପତି ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୀଳଗିରି, ୧୧।୧(ସମିସ):** ବରହମପୁର ବଣସୀମା ଅଧୀନ ମାଟିଆଳି ପଞ୍ଚାୟତର ଶ୍ରୀପତି ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରଜୁ ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ନୀଳଗିରି ଆଦିବାସୀ ଉନ୍ନୟନ ସଂସ୍ଥାର ସାଲୁ ଟୁଡୁ, ନୀଳଗିରି ସହକାରୀ ଜିଲ୍ଲା ମଙ୍ଗଳ ଅଧି ଶ୍ରୀପତି ଆବାସିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ କାରୀ ତଲାୱାର ଜେନା, ତେଲିପାଳ ଆଶ୍ରମର ପ୍ରଧାନ ଶିକ୍ଷକ ସରୋଜ ବେହେରା, ମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୁଦୀପ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁଶାନ୍ତ ଝାମ୍ପ, ରାମଚନ୍ଦ୍ର ସିଂ, ଶ୍ୟାମସୁନ୍ଦର ସିଂ, ଶିକ୍ଷୟିତ୍ରୀ ସୁକେଶିନି କୁସମଲିଆ, ରଶ୍ମିରେଖା ସିଂ, କାଇସରିକା ଗିରି ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାକୃତିକ ଶୋଭା ବଢ଼େଉଛି ବିଚିତ୍ରପୁର ଇକୋ ଟୁରିଜିମ

### ୩୧ ପ୍ରଜାତିର ୧୪, ୬୧୨ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସମାଗମ

### ସୁବର୍ଣ୍ଣରେଖା ରିଭର ମାଉଥରେ ପ୍ରଥମ ଥର ପାଇଁ ଦେଖାଗଲା ୫ଟି 'ଇରାବାଡି ଡଲଫିନ

**ଭୋଗରାଇ, ୧୧।୧(ସମିସ):**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଦୟପୁର ବନ୍ୟପ୍ରାଣୀ ବନାଞ୍ଚଳ ସେକ୍ସନ ଅଧୀନ ବିଚିତ୍ରପୁର ଇକୋ ଟୁରିଜିମ ସଂଲଗ୍ନ ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଏଠାରେ ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ଲୁଣା ଜଙ୍ଗଲ ଓ ସୁବର୍ଣ୍ଣରେଖା ନଦୀ ମୁହାଣରେ ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି। ଏହି ପକ୍ଷୀଙ୍କ ପାଇଁ ଏଠାକାର ପରିବେଶ ଅନୁକୂଳ ଥିବାରୁ ଚଳିତ ବର୍ଷ ମାଇଲ ମାଇଲ ରାସ୍ତା ଅତିକ୍ରମ କରି ବହୁ ବିଦେଶୀ ପକ୍ଷୀ ଏଠାରେ ପହଞ୍ଚିଛନ୍ତି। ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ଦେଢଗୁଣ ବୃଦ୍ଧି ପାଇଥିବା ଆକଳନ କରାଯାଇଛି। ଚଳିତ ବର୍ଷ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ୱାଇଲ୍ଡ ଓଡ଼ିଶା ବିକାଶ ସାଥୀଙ୍କ ସହାୟତାରେ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଜଳେଶ୍ୱର ବନଖଣ୍ଡ ରେଞ୍ଜ ଅଧୀନ ଭୋଗରାଇ ବ୍ଲକର ଉଦୟପୁର ବନ୍ୟପ୍ରାଣୀ ବନାଞ୍ଚଳ ସେକ୍ସନ ଅଧୀନ ବିଭିନ୍ନ ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟ ଶେଷ ହୋଇଛି। ଏହି ସେକ୍ସନ ଅଧୀନ ବିଚିତ୍ରପୁର ଇକୋ ଟୁରିଜିମ ସଂଲଗ୍ନ ତାଳସାରି କ୍ରିକ, ବିଚିତ୍ରପୁର ଲୁଣା ଜଙ୍ଗଲ, ମୁରଲୀଚଢ ଦାଣ୍ଡି, ନାରାୟଣ ମହାନ୍ତି ପଡ଼ିଆ ଦାଣ୍ଡି, ସୁବର୍ଣ୍ଣରେଖା ରିଭର ମାଉଥ ଆଦି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ୩୧ ପ୍ରକାର ପ୍ରଜାତିର ସମୁଦାୟ ୧୪, ୬୧୨ ଦେଶୀ ଓ ବିଦେଶୀ ପକ୍ଷୀ ଦେଖିବାକୁ ମିଳିଛି। ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳ ରେଞ୍ଜର ଜୟଶ୍ରୀ ମୁର୍ମୁ ଏହି ସୂଚନା ଦେଇଛନ୍ତି। ବିଶେଷ ଭାବେ ସୁବର୍ଣ୍ଣରେଖା ରିଭର ମାଉଥରେ ପ୍ରଥମ ଥର ପାଇଁ ୫ ଟି ଇରାବାଡି ଡଲଫିନ ଦେଖିବାକୁ ମିଳିଛି। ରେଞ୍ଜର ମୁର୍ମୁଙ୍କ ନେତୃତ୍ୱରେ ଉଦୟପୁର ସେକ୍ସନ ବନପାଳ ପରମାନନ୍ଦ ନାୟକ, ଖଡିବିଲ-ନାରାୟଣ ମହାନ୍ତି ପଡ଼ିଆ ବନ୍ୟପ୍ରାଣୀ ବନାଞ୍ଚଳ ବିଟ ବନରକ୍ଷୀ ସଞ୍ଜୟ ମହାନ୍ତି ଓ ଉଦୟପୁର ବନଖଣ୍ଡ ବିଟ ବନପାଳ ଜ୍ୟୋସ୍ନାରାଣୀ ଦତ୍ତଙ୍କ ତତ୍ତ୍ୱାବଧାନରେ ୱାଇଲଡ ଲାଇଫ ୱାର୍ଡେନ ଅଶ୍ୱିନୀ ଦାସ, ଜଳେଶ୍ୱର ଫରେଷ୍ଟର ମୀନାରାଣୀ ବେହେରା, ବରଡିହା ଫରେଷ୍ଟର ପ୍ରହ୍ଲାଦ ଚନ୍ଦ୍ର ନାୟକ, ଜଳେଶ୍ୱର ବନରକ୍ଷୀ ରଞ୍ଜିତା ବିଶ୍ୱାଳ ଓ ଲିପିକା ପାଣିଗ୍ରାହୀ ପ୍ରମୁଖଙ୍କୁ ନେଇ ଏକ ୧୨ ଜଣିଆ ଟିମ୍ ଏହି ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ଥିଲେ।

